# ପିଲାମାନଙ୍କ ପାଇଁ ବାଇବଲ

## ଉପହାର



# ରୁତ୍ ଏକ ପ୍ରେମ କାହାଣୀ


ଲେଖକ: Edward Hughes
ଦୃଷ୍ଟାନ୍ତ: Janie Forest
ଅନୁବାଦକ: Prasanta Bhuyan
ଉପଯୋଜକ: Lyn Doerksen



କାହାଣୀ ୬୦ ରୁ ୧୭

**www.M1914.org**

***Bible for Children,*** *PO Box 3, Winnipeg, MB R3C 2G1 Canada*



ଅନୁମତି ସୂତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପଣଙ୍କର ଅଧୀକାର ଅଛି, ଯେଉଁ ପର୍ଯ୍ୟନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।


ଓଡ଼ିଆ | Oriya

ଯଦି ତୁମେ ତୁମର ପରଜେଜେ, ସେମାନଙ୍କର ପିତାମାତାଙ୍କର ଦେଖାପାଅ, ଓ ସେ ସମସ୍ତ ଲୋକ ଯେଉଁମାନେ ତୁମ ଆଗରେ ତୁମ ପରିବାରରେ ଥିଲେ, ସେମାନଙ୍କୁ ଦେଖି ଏମାନେ କିପରି ଲୋକ ଏହା ଭାବି ତୁମେ ଆଶ୍ଚର୍ଯ୍ୟ ମଧ୍ୟ ହୋଇପାର । ବାଇବଲରେ, ରୁତ୍ ଥିଲେ ଯୀଶୁଙ୍କର ପୂର୍ବପୁରିଷମାନଙ୍କ ମଧ୍ୟରୁ ଜଣେ । ସେ ମୋୟାବ ଦେଶିୟା ଓ ଏକ ପ୍ରତିମାପୂଜିକା ଥିଲା ।





ରୁତର କାହାଣୀ ଇସ୍ରାୟେଲରେ ଶାମ୍‌ଶୋନଙ୍କ ସମୟ ପରେ ଆରମ୍ଭ ହୁଏ, ଯେତେବେଳେ ସଦାପ୍ରଭୁଙ୍କ ଲୋକମାନେ ଇଶ୍ୱରଙ୍କ ଉପରେ ଭରଷା କରିବା ଓ ପ୍ରଭୁଙ୍କୁ ଆଜ୍ଞା ମାନିବାକୁ ତୁଚ୍ଛ କଲେ । ଏକ ଭୟଙ୍କର ଅକାଳ ଦୁର୍ଭୀକ୍ଷ ଦେଶସାରା ବ୍ୟାପିଗଲା । ତୁମେ ଜାଣ କି ଅକାଳ କଅଣ, ତାହା ଠିକ୍, ଦୁର୍ଭୀକ୍ଷ ହେଲେ ଦେଶରେ କୌଣସି ପ୍ରକାରର ଫଳ, କିମ୍ବା ଫସଲ ବଢ଼େନାହିଁ, ଫଳରେ ଖାଦ୍ୟର ଅଭାବରେ ପଶୁପକ୍ଷୀ ଓ ଲୋକମାନଙ୍କର ମୃତୁ ହୋଇଯାଏ ।






ଜଣେ ଲୋକ, ଏଲିମେଲକ, ଖାଦ୍ୟ ନିମନ୍ତେ ବେଥଲିହିମ ପରିତ୍ୟାଗ କରି ଆପଣା ଭାର୍ଯ୍ୟା ଓ ଦୁଇ ପୁତ୍ରମାନଙ୍କ ସହିତ ବାହାରିଲା, ସେ ମୋୟାବ ଦେଶରେ ବସତି କରିବାକୁ ଗଲା । ସେହି ଦେଶରେ ଲୋକମାନେ ପ୍ରତିମା ପୂଜକ ଥିଲେ ।
3


ମୋୟାବ ଦେଶରେ ଏଲିମେଲକ ଓ ତାଙ୍କ ପରିବାର ପାଇଁ କିଛି ଭଲ ହେଲା ନାହିଁ ।
କିଲିୟୋନ
ଏଲିମେଲକ
ମହଲୋନ
ତାଙ୍କର ମୃତ୍ୟୁ ହୋଇଗଲା, ପରେ ପରେ ତାଙ୍କର ଦୁଇ ପୁତ୍ରମାନେ ମଧ୍ୟ ପ୍ରାଣତ୍ୟାଗ କଲେ ।
4


କେବଳ ତାଙ୍କର ପତ୍ନୀ ନୟମୀ ତାଙ୍କର ଦୁଇ ପୁତ୍ରବଧୂମାନ ଅର୍ପା ଓ ରୂତଙ୍କ ସହିତ ଅବଶିଷ୍ଟ ରହିଲେ ।
କିଲିୟୋନ
ଏଲିମେଲକ
ମହଲୋନ
ସେହି ପୁତ୍ରବଧୂମାନେ ଦୁହେଁ ମୋୟାବ ଦେଶର ଥିଲେ ।
5


ନୟମୀ, ବର୍ତ୍ତମାନ୍ ସେ ବିଧବା ଅଟନ୍ତି, ଶୁଣିପାରଲେ ଯେ ସଦାପ୍ରଭୁ ଆପଣା ଲୋକମାନଙ୍କର ତତ୍ତ୍ୱାବଧାନ କରି ଆହାର ଦେଇଛନ୍ତି । ସେ ନିଜ ଦେଶକୁ ଫେରିଯିବାକୁ ମନସ୍ଥ କଲେ ।
6


କିନ୍ତୁ ସେହି ଦୁଇ ଝିଅମାନେ କଅଣ କରିବେ, ନୟମୀ ଆପଣା ପୁତ୍ରବଧୂମାନଙ୍କୁ କହିଲା ତୁମ୍ଭମାନେ ଆପଣା ଆପଣାର ମାତାର ଗୃହକୁ ଫେରିଯାଅ ଓ ମୋୟାବ ଦେଶରେ ରହି ପୁଣିଥରେ ବିବାହ କର ।
7


ଅର୍ପା ନିଜର ମାତାର ଗୃହକୁ ଫେରିଗଲା । କିନ୍ତୁ ରୂତ ଅସ୍ୱୀକାର କଲା । ବଦଳରେ ସେ ଏକ କବିତା ଯାହା ପ୍ରତିଜ୍ଞା କରେ ସେ ତାଙ୍କର ଶାସୁଙ୍କୁ କଦାପି ତ୍ୟାଗ କରିବେ ନାହିଁ ।
8



ନୟୋମୀଙ୍କ ପୁର୍ବତନ ବନ୍ଧୁମାନେ ତାଙ୍କ ନିଜ ଦେଶ ବେଥଲିହିମକୁ ଫେରିବାର ଦେଖି ବହୁତ ଖୁସି ହେଲେ । କିନ୍ତୁ ସେ ସେମାନଙ୍କୁ କହିଲେ ତୁମ୍ଭେମାନେ ମୋତେ ନୟୋମୀ ବଦଳରେ ମାରା (ତିକ୍ତ) ବୋଲି ଡାକ ।

9



ଯେହେତୁ ଶର୍ବଶକ୍ତିମାନ୍ ମୋତେ ଅତି ତିକ୍ତ ବ୍ୟବହାର କରିଅଛନ୍ତି । ନୟୋମୀ କେବଳ ରୂତ ସହିତ ଫେରି ଆସିଛନ୍ତି ଆଉ କିଛି ନାହିଁ ।

10



ମୋୟାବ ଦେଶରେ ଅନେକଙ୍କ ପରି ରୂତ ମଧ୍ୟ ପ୍ରତିମାପୂଜିକା ଥିଲେ, ସେ ସେଠାରୁ ଇସ୍ରାଏଲ୍ ଜୀବୀତ ପରମେଶ୍ୱରଙ୍କର ଉପାସକ ହୋଇଗଲେ । ନୟୋମୀଙ୍କ ନିମନ୍ତେ ଯେପରି  ଖାଦ୍ୟଭାବ ରହିବ ନାହିଁ ସେଥିପାଇଁ ରୂତ କଠିନ ପରିଶ୍ରମ କଲେ । ସବୁଦିନ ସେ ଶସ୍ୟଛେଦକମାନଙ୍କର ପଶ୍ଚାତ୍ ପଶ୍ଚାତ୍ ରାଁ କରିବାକୁ ଲାଗିଲା ।

11



ବୋୟାଜ, ସେହି ଜମିର ମାଲିକ ରୂତ ଯେ ତାଙ୍କ ଶାଶୁଙ୍କ ସହିତ ଯେରୂପ ବ୍ୟବହାର କରିଥିଲେ ତାହା ବିଷୟରେ ଶୁଣଲେ । ସେ ଯେତେବେଳେ ତାଙ୍କୁ ଦେଖିଲେ, ବୋୟାଜ ରୂତଙ୍କୁ ସେହାଯ୍ୟ କରିବାକୁ କିଛି ଶଶ୍ୟ ପଛରେ ଛାଡ଼ିଯିବାକୁ ନିଜର ଶସ୍ୟଛେଦକମାନଙ୍କୁ ଆଜ୍ଞା ଦେଲେ । କାରଣ ବୋୟାଜ ରୂତଙ୍କୁ ପସନ୍ଦ କରିବାକୁ ଲାଗିଲେ ।

12



ଯେତେବେଳେ ରୂତ ବୋୟାଜ ଓ ତାଙ୍କର ଦୟା ବିଷୟରେ ନୟୋମିଙ୍କୁ କହିଲେ, ସେହି ବୃଦ୍ଧା ସ୍ତ୍ରୀ ପ୍ରଭୁଙ୍କର ପ୍ରସଂଶା କଲେ । ସେହିଲୋକ ଜଣେ ଆମ୍ଭମାନଙ୍କର ନିକଟ କୁଟୁମ୍ବ, ଆମ୍ଭମାନଙ୍କର ମୁକ୍ତିକର୍ତ୍ତା ଜ୍ଞାତିମାନଙ୍କ ମଧ୍ୟରେ ଜଣେ ଅଟଇ ।

13





ସମୟ ବିତିଯାନ୍ତେ, ବୋୟାଜ ରୂତଙ୍କୁ ବିବାହ ଓ ନୟୋମୀ ଏ ତାଙ୍କ ପାରବାରକ ଜମୀର ଦେଖାଶୁଣା କରିବାକୁ ଇଛାକଲେ । କିନ୍ତୁ ଆଉଜଣେ ନିକଟ ସମ୍ପର୍କୀୟର ପ୍ରଥମ ଅବସର ହେବା ଆବଶ୍ୟକ ।

14





ସେହି ଲୋକ ରୂତଙ୍କର ଜମୀକୁ ଚ଼ାହିଲେ କିନ୍ତୁ
ରୂତଙ୍କୁ ବିବାହ କରିବାକୁ ମନା କଲେ ।
ଦେଶର ନିୟମ ଅନୁସାରେ ଗୋଟିଏ ଛାଡ଼ି
ଅନ୍ୟଟା ଗ୍ରହଣ କରିବା ବିଧି ନଥିଲା ।



ସେହି ସମୟରେ, ଲୋକମାନେ ଚୁକ୍ତିବଧ କରିବାକୁ ହାତ
ମିଶାଉନଥିଲେ । ବୋୟାଜ ନିଜର ଜୋତା ଉତ୍ତାରିଲେ ଓ ଲୋକଙ୍କ
ସାମନାରେ ଆରଜଣକୁ ଦେଲେ । ଏହା ଇସ୍ରାୟେଲ ମଧ୍ୟରେ ସାକ୍ଷ୍ୟ
ସ୍ୱରୂପ ହେଲା । ବର୍ତ୍ତମାନ୍ ରୂତ ତାଙ୍କର ସ୍ତ୍ରୀ ହେବେ ।
ଏବେ ରୂତ ଓ ନୟୋମୀ ବୋୟାଜ ପରିବାରର
ସଦଶ୍ୟ ଅଟନ୍ତି ।







ବୋୟାଜ ଓ ରୂତ ସେମାନଙ୍କର
ପ୍ରଥମଜାତ ପୁତ୍ରସନ୍ତାନର ନାମ
ଓବେଦ ରଖିଲେ । ସେ ପରେ
ଦାଉଦ ଏକ ମହାନ ରାଜାଙ୍କର
ଜେଜବାପା ହୋଇଗଲେ ।



କିନ୍ତୁ ଆହୁରି ଅଧିକ ଚ଼ମତ୍କାର ଭାବରେ, ସେହି ଛୋଟ ଓବେଦ୍ ଯୀଶୁଖ୍ରୀଷ୍ଟଙ୍କର ପୂର୍ବପୁରୁଷ
ହୋଇଗଲେ । ଯୀଶୁ ରାଜାମାନଙ୍କର ରାଜା ହେବକୁ ଓ ଜଗତର ଉଦ୍ଧାରକର୍ତ୍ତା ଭାବେ ସେହି
ଦାଉଦଙ୍କ ବଂଶଧର ହୋଇ ଆସିଲେ ।






ରୂତ୍ ଏକ ପ୍ରେମ କାହାଣୀ

**ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ**

**ରୁ ଅନୁସନ୍ଧାନ କରାଯାଇଅଛି**

ରୁତ

**"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"**
**ଗୀତସଂହିତା ୧୧୯ : ୧୩୦**

**ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଇଶ୍ୱର ଜାଣନ୍ତି, ଆଉ ତାହାକୁ ଇଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ ।**

**ଇଶ୍ୱର ଆମ୍ଭମାନଙ୍କୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ର ଯୀଶୁଙ୍କୁ ଆମ୍ଭମାନଙ୍କର ପାପ ସକାଶୁ କ୍ରୁଶ ଉପରେ ମୃତ୍ୟୁବରଣ କରିବାକୁ ପଠାଇଲେ । ଯୀଶୁ ପୁନର୍ବାର ଜୀବନ କୁ ଫେରିଲେ, ଆଉ ସେ ସ୍ୱର୍ଗ ଆରୋହନ କଲେ ବର୍ତ୍ତମାନ୍ ଅନନ୍ତର ପରମେଶ୍ୱର ଆମ୍ଭମାନଙ୍କର ପାପକ୍ଷମା କରି ପାରିବେ ।**

**ଯଦି ତୁମ୍ଭେ ତୁମ୍ଭ ପାପରୁ ଫେରିବାକୁ ଚ଼ାହଁ, ତେବେ ଏହା ଇଶ୍ୱରଙ୍କୁ କୁହନ୍ତୁ: ପ୍ରିୟର ଇଶ୍ୱର ମୁ ବିଶ୍ୱାସ କରେ ଯୀଶୁଖ୍ରୀଷ୍ଟ ମୋ ନିମନ୍ତେ ମୃତ୍ୟୁଭୋଗ କଲେ, ବର୍ତ୍ତମାନ ସେ ଜୀବିତ ଅଟନ୍ତି । ଦୟାକରି ମୋର ପାପସବୁ କ୍ଷମା କର ଏବଂ ମୋ ଜୀବନକୁ ଆସ, ତଦ୍ୱାରା ବର୍ତ୍ତମାନ୍ ଠାରୁ ମୁଁ ଏକ ନୂତନ ଜୀବନ ପ୍ରାପ୍ତ ହୋଇ ତୁମ୍ଭଠାରେ ଚ଼ିରକାଳ ସ୍ଥାୟୀ ହେବି । ତୁମ୍ଭର ସନ୍ତାନ ହୋଇ ତୁମ୍ଭଠାରେ ବାସକରିବା ପାଇଁ ମୋତେ ସାହାଯ୍ୟ କରନ୍ତୁ । ଆମେନ୍ (ଯୋହନ ୩:୧୬)**

**ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ ।**